# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23 November – 2025

***********************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ଆସନ୍ତା ଗୁରୁବାରଠାରୁ ହେବ ଆରମ୍ଭ
- ଏସ୍‌ଇବିସି ତାଲିକାଭୁକ୍ତ କେତେକ ଜାତିକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ ନେଇ ରାଷ୍ଟ୍ରୀୟ ପଛୁଆବର୍ଗ ଆୟୋଗ ଅଧ୍ୟକ୍ଷଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଚିଠି
- ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ୪୪ତମ ଅନ୍ତର୍ଜାତୀୟ ବାଣିଜ୍ୟମେଳାରେ ବୃଦ୍ଧି ପାଉଛି ଓଡ଼ିଶା ଗ୍ରାମୀଣ ଉତ୍ପାଦର ଚାହିଦା
- ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଆସନ୍ତାକାଲି ସୁଦ୍ଧା ଅବପାତରେ ପରିଣତ ହେବା ସମ୍ଭାବନା

ଏବଂ

- ଦୃଷ୍ଟିବାଧିତ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରଥମ ସଂସ୍କରଣର ଫାଇନାଲରେ ଭାରତ ବିଜୟୀ

# ବିଧାନସଭା

ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ଆସନ୍ତା ୨୭ ତାରିଖ ଗୁରୁବାରଠାରୁ ଆରମ୍ଭ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଥମ ଦିନର ଅଧିବେଶନକୁ ସମ୍ବୋଧିତ କରିବା ନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତ ଶୀତ ଅଧିବେଶନ ଆସନ୍ତା ଡିସେମ୍ବର ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୨୯ଟି କାର୍ଯ୍ୟଦିବସ ରହିଥିବାବେଳେ ୬ଟି ଛୁଟିଦିନ ରହିଛି।

# ଧର୍ମେନ୍ଦ୍ର ପ୍ରଧାନ

ରାଜ୍ୟ ସରକାରଙ୍କ ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ପଛୁଆବର୍ଗ-ଏସ୍.ଇ.ବି.ସି. ତାଲିକାରେ ଥିବା କିଛି ଜାତିକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରିବା ପାଇଁ ରାଷ୍ଟ୍ରୀୟ ପଛୁଆବର୍ଗ ଆୟୋଗର ଅଧ୍ୟକ୍ଷଙ୍କୁ କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖି ଅନୁରୋଧ କରିଛନ୍ତି। ସେହି ଜାତିଗୁଡ଼ିକ ମଧ୍ୟରେ ଖଣ୍ଡାୟତ, ପାଇକ, ଚଷା ପାଇକ, ଆଳିଆ, ପାଇକାଳି, କଳିଙ୍ଗି ଶୂଦ୍ର ଖଣ୍ଡାୟତ, ମହାନାୟକ ଶୂଦ୍ର, ଓଡ-ଖଣ୍ଡାୟତ, ବୟାଳିଶା, ଓଡ଼, ଓଡ଼ ପାଇକ, ଓଡ଼ ପାଇକୋ, ହଳଦିଆ ତେଲି, ରାଜଶ୍ରୀ ବଳାସି ବା ବଳାସି ଜାତି ଆଦି ରହିଛି। ରାଜ୍ୟ ଏସ୍‌ଇବିସି ତାଲିକାରେ ଥିବା ଅନେକ ଜାତି କେନ୍ଦ୍ରୀୟ ଓବିସି ତାଲିକାରେ ନଥିବାରୁ ଏହି ସମାଜର ଲୋକମାନେ କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମ ଲେଖା ତଥା ସରକାରଙ୍କ ଅନେକ କଲ୍ୟାଣକାରୀ ଯୋଜନାରେ ସଂରକ୍ଷଣର ଲାଭ ପାଇବାରୁ

ବଂଚିତ ହେଉଛନ୍ତି । କେନ୍ଦ୍ରୀୟ ଓବିସି ତାଲିକାରେ ଏହି ବର୍ଗର ଜାତିଙ୍କୁ ସାମିଲ କରାଗଲେ ସେମାନଙ୍କର ସାମାଜିକ, ଅର୍ଥନୈତିକ ବିକାଶ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ କହିଛନ୍ତି ।

## ପିଏମ୍-ଲେବର କୋଡ୍ସ

ଦେଶରେ ଶ୍ରମ ଆଇନ୍‌ଗୁଡ଼ିକୁ ଅଧିକ ସରଳ ତଥା ସୁସଂହତ କରିବା ଉଦ୍ଦେଶ୍ୟରେ ସରକାର ଚାରୋଟି ନୂତନ ଶ୍ରମ ସଂହିତା ଲାଗୁ କରିଛନ୍ତି । ସେଗୁଡ଼ିକ ହେଲା – ମଜୁରୀ ସଂହିତା ୨୦୧୯, ଔଦ୍ୟୋଗୀକ ସମ୍ପର୍କିତ ସଂହିତା ୨୦୨୦, ସାମାଜିକ ସୁରକ୍ଷା ସଂହିତା ୨୦୨୦ ଏବଂ ବ୍ୟବସାୟିକ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟାବସ୍ଥା ସଂହିତା ୨୦୨୦ ।

ଏହି ସଂହିତାଗୁଡ଼ିକ ମାଧ୍ୟମରେ ବୈଶ୍ୱିକ ସାମାଜିକ ସୁରକ୍ଷା, ସର୍ବନିମ୍ନ ଏବଂ ଠିକ ସମୟରେ ମଜୁରୀ ପ୍ରଦାନ, ସୁରକ୍ଷିତ କାର୍ଯ୍ୟସ୍ଥଳୀ ଏବଂ ସର୍ବସାଧାରଣ ବିଶେଷ କରି ମହିଳା ଓ ଯୁବବର୍ଗଙ୍କ ଲାଗି ଆର୍ଥିକ ସୁଯୋଗ ସୁନିଶ୍ଚିତ କରାଯାଇପାରିବ ।

ନୂତନ ଭାବେ ଲାଗୁ କରାଯାଇଥିବା ଆଇନ୍‌କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି । ଏହି ପଦକ୍ଷେପ ଶ୍ରମିକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ଶ୍ରମ କ୍ଷେତ୍ରକୁ ଅଧିକ ସଶକ୍ତ କରିବ । କେନ୍ଦ୍ର ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସାଂସଦ ବଳଭଦ୍ର ମାଝୀ ପ୍ରତିକ୍ରିୟାରେ କହିଛନ୍ତି...

**- V/O -**

# ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଜନଶୁଣାଣି କରିବେ। ଗତ ସେପ୍ଟେମ୍ବର ୮ ତାରିଖରେ ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ କରିଥିଲେ ଏହି ଶୁଣାଣି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି  ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

# ବାଣିଜ୍ୟମେଳା

ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟମେଳାରେ ଓଡ଼ିଶା ଗ୍ରାମୀଣ ଉତ୍ପାଦ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଓଡ଼ିଶା ପାଭିଲିୟନ୍‌ରେ ମିଶନଶକ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି-ଓରମାସ ବିଶ୍ୱ ସମ୍ମୁଖରେ 'ଏକ ଭାରତ-ଶ୍ରେଷ୍ଠ ଭାରତ' ଓ  ଆତ୍ମନିର୍ଭର ଭାରତର ପ୍ରତିଛବିକୁ ପ୍ରଦର୍ଶିତ କରୁଛନ୍ତି। ଗ୍ରାମୀଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ ବିକ୍ରୟ କରାଯାଉଥିବାବେଳେ ଲାଇଭ୍ ଡେମୋ ପ୍ଲାଟଫର୍ମ ଉପରେ ଏହାର ପ୍ରସ୍ତୁତି ସମ୍ପର୍କରେ ପ୍ରଦର୍ଶନ କରାଯାଉଛି। ଗତ ୯ ଦିନରେ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡିଛି। ମେଳାରେ ଓଡ଼ିଶାର ପାରମ୍ପରିକ ପିଠା, ଛେନାପୋଡ, ଗୋପାଳପୁର ଟସର ହସ୍ତତନ୍ତ ଉତ୍ପାଦ, ଡୋକ୍ରା ହସ୍ତ କଳାକୃତି ଆଦି ଦର୍ଶକଙ୍କୁ ଆକୃଷ୍ଟ କରୁଛି।

# ଏନ୍‌ସିସି ଡେ

ସେବା, ପ୍ରତିବଦ୍ଧତା, ଶୃଙ୍ଖଳା ଓ ଦେଶପ୍ରେମର ସର୍ବଶ୍ରେଷ୍ଠ ନିଦର୍ଶନ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ- ଏନ୍‌ସିସି'ର ୭୮ତମ ପ୍ରତିଷ୍ଠା ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି। ଏନ୍‌ସିସ ଦେଶର ଯୁବଶକ୍ତି ଏବଂ ସମ୍ଭାବନାର ଦୃଢ଼ ପ୍ରତୀକ ଭାବେ ଉଭା ହୋଇଛି ବୋଲି ପ୍ରତିରକ୍ଷା ସଚିବ ରାଜେଶ କୁମାର କହିଛନ୍ତି। ଆଗାମୀ ଦିନରେ ସରକାର ଏନ୍‌ସିସିର ସଂଖ୍ୟାକୁ ୧୭ରୁ ୨୦ ଲକ୍ଷକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଜାତୀୟ ସୁରକ୍ଷା ଓ ବିକାଶ କ୍ଷେତ୍ରରେ ଏନ୍‌ସିସିର ଭୂମିକାକୁ ବିସ୍ତାର କରିବା ପାଇଁ ଏହି ଯୋଜନା ରହିଛି ବୋଲି ଶ୍ରୀ କୁମାର କହିଛନ୍ତି। ଦେଶର ୭୦୦ରୁ ଊର୍ଦ୍ଧ୍ୱ ଜିଲ୍ଲାରେ ଏନ୍‌ସିସିର ଉପସ୍ଥିତି ରହିଛି। ସେମାନଙ୍କ ମଧ୍ୟରୁ ୪୦ ପ୍ରତିଶତ ମହିଳା ପ୍ରଶିକ୍ଷାର୍ଥୀ ରହିଛନ୍ତି।

ସୂଚନାଥାଉକି, ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେବା ପରେ ୧୯୪୮ ମସିହାରେ ଏନ୍‌ସିସିର ପ୍ରତିଷ୍ଠା କରାଯାଇଥିଲା। ପ୍ରତିବର୍ଷ ନଭେମ୍ବର ମାସ ଚତୁର୍ଥ ରବିବାର ଦିନ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି।

୭୮ତମ ଏନ୍‌ସିସି ପ୍ରତିଷ୍ଠା ଦିବସ **କଟକ** ଗ୍ରୁପ୍ ମୁଖ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଅଧ୍ୟକ୍ଷତା କରି କହିଛନ୍ତି....

**- V/O -**(କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ )

ଏହି ଅବସରରେ କ୍ୟାଡେଟ୍‌ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ପରିବେଷଣ କରାଯାଇଥିଲା ।

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଏହି ଦିବସ ପାଳିତ ହୋଇଯାଇଛି । ଭାରତର ଯୁବସମାଜକୁ ଶୃଙ୍ଖଳିତ ଭାବେ ଗଢ଼ି ତୋଳିବାରେ ଏନ୍‌ସିସିର ଅତୁଳନୀୟ ଭୂମିକା ରହିଛି  ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ବ୍ଲକ୍ ଟାଙ୍ଗଣାପଲ୍ଲୀ ନୋଡାଲ ବିଦ୍ୟାପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତ୍ୟେକ କ୍ୟାଡେଟ୍ ଶୃଙ୍ଖଳିତ ହୋଇ ଦେଶମାତୃକାର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଶପଥ ନେଇଥିଲେ ।

# ଚିତ୍ରାଙ୍କନ ପ୍ରତିଯୋଗିତା

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ପ୍ରତ୍ୟେକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତଥା ତାଲୁକ ଆଇନ୍‌ସେବା କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।

**ଗଞ୍ଜାମ** ବ୍ରହ୍ମପୁରସ୍ଥିତ ଜିଲ୍ଲାକୋର୍ଟ ପରିସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୧୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

**ରାୟଗଡ଼ା** ଆଇନ୍‌ସେବା ପ୍ରାଧିକରଣ ଦ୍ୱାରା ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ ।

# ସାଂସଦ ଖେଳ ମହୋତ୍ସବ

**ଭଦ୍ରକ** ଜିଲ୍ଲାରେ ବିକଶିତ ଭାରତ ପାଇଁ **ସୁସ୍ଥ ଯୁବବର୍ଗ** ଅନ୍ତର୍ଗତ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଯୁବସେବା ଓ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ବିକଶିତ ଭାରତ ଗଠନ ପାଇଁ କ୍ରୀଡା ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ।

# ଆତ୍ମନିର୍ଭର ଭାରତ

**ବୌଦ୍ଧ** ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଟାଉନ୍‌ହଲ୍‌ଠାରେ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନର ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ଦିଗରେ ଆତ୍ମନିର୍ଭରତାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ।

# ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଏହା କ୍ରମଶଃ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତିକରି ଆସନ୍ତାକାଲିସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା

ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ବାତ୍ୟାର ରୂପ ନେବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।

ସମ୍ଭାବ୍ୟ ବାତ୍ୟାକୁ ନେଇ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

**- V/O -(**ସୁରେଶ ପୂଜାରୀ**)**

# ମହିଳା କ୍ରିକେଟ ଚାମ୍ପିୟନ

ଦୃଷ୍ଟିବାଧିତ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରଥମ ସଂସ୍କରଣର ଫାଇନାଲରେ ଭାରତ ନେପାଳକୁ ୭ ଓ୍ୱିକେଟରେ ପରାସ୍ତ କରି ବିଜୟ ହାସଲ କରିଛି। କଲମ୍ବୋରେ ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ନେପାଳ ୫ ଓ୍ୱିକେଟ ହରାଇ ୧୧୪ ରନ୍ କରିବାରେ ସକ୍ଷମ ହୋଇଥିଲା। ୧୧୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତୀୟ ଦଳ ୧୨ ଓଭରରେ ୩ ଓ୍ୱିକେଟ ହରାଇ ୧୧୭ ରନ୍ କରିବା ସହ ବିଜୟ ହାସଲ କରିଥିଲା। ଭାରତ ପକ୍ଷରୁ ଫୁଲା ସୋରେନ୍ ୨୭ଟି ବଲ୍‌ରୁ ସର୍ବାଧିକ ୪୪ ରନ୍ ସଂଗ୍ରହ କରିଥିଲେ।

ଭାରତୀୟ ଦଳର ଐତିହାସିକ ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି।